■ ପାନୀୟ ଜଳ ସମସ୍ୟା ସମାଧାନ ଦାବି

# ହାଣ୍ଡି, ମାଠିଆ ରଖି ରାସ୍ତାରୋକୋ



ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି।

ପାପଡାହାଣ୍ଡି, ୨୧।୧୨, (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ସଦର ମହକୁମାର ୭ ଓ ୮ ନମ୍ବର ୱାର୍ଡରେ ଦୀର୍ଘ ଦିନ ଧରି ପାନୀୟ ଜଳ ସମସ୍ୟା ଲାଗି ରହିଛି। ଏ ନେଇ ପ୍ରଶାସନକୁ ବାରମ୍ବାର ଅବଗତ କଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଶୁକ୍ରବାର ଉକ୍ତ ଦୁଇଟି ୱାର୍ଡ ବାସିନ୍ଦା ସମସ୍ୟା ସମାଧାନ ଦାବିରେ ଜାତୀୟ ରାଜପଥ ୨୬ରେ ହାଣ୍ଡି ମାଠିଆ ରଖି ପ୍ରତିବାଦ କରିଥିଲେ। ଖବର ପାଇ ପ୍ରଶାସନିକ ଅଧିକାରୀ ଓ ଜନ ପ୍ରତିନିଧି ଘଟଣାସ୍ଥଳରେ ପହଞ୍ଚି ଶୀଘ୍ର ଏହି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଲୋକେ ଧାରଣାରୁ ହଟିଥିଲେ।

ପ୍ରକାଶ ଯେ, ଏହି ଅଞ୍ଚଳରେ ୧୫ଶହରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ସାହିରେ ରହିଛି ୪ଟି ନଳକୂପ। ସେଥିରୁ ୨ଟି ଅଚଳ। ତେଣୁ ବାଧ୍ୟ ହୋଇ ପାଖ ସାହିକୁ ଯାଇ ମହିଳାମାନଙ୍କୁ ପାଣି ସଂଗ୍ରହ କରିବାକୁ ପଡିଥାଏ। ଏ ନେଇ ବାରମ୍ବାର ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଛି। କିନ୍ତୁ କୌଣସି ସୁଫଳ ମିଳିଲା ନାହିଁ। ଫଳରେ ବାଧ୍ୟ ହୋଇ ରାସ୍ତାରୋକୋ କରି ପ୍ରତିବାଦ ଜଣାଇଛୁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ରାସ୍ତାରୋକୋ ଯୋଗୁ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଥିଲା। ଖବର ପାଇ ତହସିଲଦାର ପ୍ରେମଲାଲ ହିଆଲ, ସରପଞ୍ଚ ରଶ୍ମିତା ଭତରା, ଗ୍ରାମ୍ୟ ଜଳ ଯୋଗାଣ ଯନ୍ତ୍ରୀ ସନ୍ତୋଷ କାଡ୍ରାକା ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। ୧୦ଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯିବା ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।




# ଅଭିଭାବକଙ୍କ ଆଗରେ ଏନ୍‌ଓସି ଭ୍ରମ

**ସରକାରୀ ନିୟମକୁ ବେଖାତିର**

■ ଡିଇଓ ଏବଂ ସ୍କୁଲ ପ୍ରିନ୍ସିପାଲଙ୍କ କଥାରେ ତାଳମେଳ ରହୁନି

■ ଏନ୍‌ଓସି ନ ଥାଇ ଆଦାୟ ହେଉଛି ଡୋନେଶନ ଓ ଅନ୍ୟ ଫି

ନବରଙ୍ଗପୁର, ୨୧।୧୨(ବି.ପ୍ର.)

ନବରଙ୍ଗପୁର ଜିଲାରେ ରହିଛି ୬୭ଟି ଘରୋଇ ଇଂଲିଶ ମିଡିୟମ ସ୍କୁଲ। କିନ୍ତୁ ସେଥିମଧ୍ୟରୁ କେତେକ ସ୍କୁଲର ଏନ୍‌ଓସି ନାହିଁ। ଏହା ନ ଥାଇ ମଧ୍ୟ ବିଦ୍ୟାଳୟଗୁଡିକ ଅଭିଭାବକଙ୍କଠାରୁ ଡୋନେସନ, ପୁସ୍ତକ ଓ ଫି ନାଁରେ ମୋଟା ଅଙ୍କ ଆଦାୟ କରୁଛନ୍ତି। ଏନ୍‌ଓସି ନ ଥିବା ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନବୋଦୟ ବିଦ୍ୟାଳୟରେ ପଢିବା ପାଇଁ ରହିଥିବା ପ୍ରବେଶିକା ପରୀକ୍ଷାରୁ ବଞ୍ଚିତ ହେଉଛନ୍ତି। ଏହାର ଏକ ନମୁନା ହେଉଛି ନବରଙ୍ଗପୁରସ୍ଥିତ ୟୁନିକ ପବ୍ଲିକ ସ୍କୁଲ। ଏକ ଭଡା ଘରେ ଉକ୍ତ ସ୍କୁଲଟି ଚାଲିଛି। ଏଠାରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ୨୦୦୬ରୁ ଏହାର ସ୍ଥାୟୀ ଏନଓସି ରହିଛି ବୋଲି ଅଭିଭାବକମାନଙ୍କୁ ନୋଟିସରେ ଦର୍ଶାଇଥିବା ବେଳେ ଏହା ଏକ ଭ୍ରମ ବୋଲି ଚର୍ଚ୍ଚା ହେଉଛି। ଏନେଇ ଜିଲା ଶିକ୍ଷା ଅଧିକାରୀ ଚନ୍ଦ୍ରଶେଖର ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କହିଥିଲେ ଜିଲାର ମାତ୍ର ୭ଟି ବିଦ୍ୟାଳୟର ଏନ୍‌ଓସି ରହିଛି। ୟୁନିକ ପବ୍ଲିକ ସ୍କୁଲର ଏଲିମେଣ୍ଟାରୀ ଶିକ୍ଷା ବିଭାଗ ପକ୍ଷରୁ ଏନ୍‌ଓସି ଏଯାଏ ନାହିଁ। ଚଳିତ ବର୍ଷ ସ୍କୁଲ କର୍ତ୍ତୃପକ୍ଷ ଅନ୍‌ଲାଇନରେ ଆବେଦନ କରିଛନ୍ତି। ୨୦୦୯ ପୂର୍ବରୁ ଏନ୍‌ଓସି ସ୍ଥାୟୀ ଭାବେ ଦିଆଯାଉ ନ ଥିଲା। ଅନ୍‌ଲାଇନରେ ଶିକ୍ଷାନୁଷ୍ଠାନମାନେ ଆବେଦନ କରିବା ପରେ ତଦନ୍ତ ରିପୋର୍ଟ ଅନଲାଇନରେ ଯାଉଛି। ଗତବର୍ଷରୁ ଯେଉଁମାନେ ଏନ୍‌ଓସି ପାଉଛନ୍ତି ସରକାରୀ ନିୟମାନୁଯାୟୀ ତାହା ୫ ବର୍ଷ ପାଇଁ ବଳବତ୍ତର ରହୁଛି। ଏନେଇ ସ୍କୁଲ ପ୍ରିନ୍ସିପାଲ ପି.ଆର.ଆଲାମେଲୁଙ୍କୁ ପଚାରିବାରୁ ସେ କହିଥିଲେ ୨୦୦୬ରେ ବିଦ୍ୟାଳୟକୁ ଏକ ରେକଗ୍ନାଇଜ୍‌ଡ ବିଦ୍ୟାଳୟ ଭାବେ ସେକେଣ୍ଡାରୀ ଏଜୁକେସନ ବିଭାଗ ଗ୍ରହଣ କରିଥିଲା। ନବମ ଓ ଦଶମ ଶ୍ରେଣୀ ପାଇଁ ଏନ୍‌ଓସି ରହିଛି ବୋଲି ସେ କହିଥିଲେ। ସିବିଏସ୍‌ଇ ଅନୁମୋଦନ ରହିଛିକି ବୋଲି ପ୍ରଶ୍ନ କରିବାରୁ ନାହିଁ ବୋଲି ସେ କହିଛନ୍ତି। ୨୦୦୬ରେ ଯେଉଁ ଅନୁମତି ମିଳିଥିଲା ସେଠାରେ କେତେବର୍ଷ ପାଇଁ ଉଲ୍ଲେଖ ନ ଥିବାରୁ ତାହା ଏଯାଏ ବଳବତ୍ତର ରହିଥିବା ସେ କହିଛନ୍ତି। ଜିଲା ଶିକ୍ଷାଧିକାରୀ ଓ ପ୍ରିନ୍ସିପାଲଙ୍କ କଥାରେ କୌଣସି ତାଳମେଳ ରହୁନି। ସ୍ଥାୟୀ ଏନ୍‌ଓସି ରହିଥିବା ଅଭିଭାବକଙ୍କୁ ଚିଠି କରି ଜଣାଇବା ପରେ ୟୁନିକ୍ ପବ୍ଲିକ ସ୍କୁଲ କିଭଳି ପୁନଃ ଏନଓସି ପାଇଁ ଆବେଦନ କରିଛି ତାହା ଏକ ବଡ ପ୍ରଶ୍ନ। ୨୩ ବର୍ଷର ଏହି ଅନୁଷ୍ଠାନରେ ୧୨ଟି ବ୍ୟାଚ ମାଟ୍ରିକ ପରୀକ୍ଷା ଦେଇଛନ୍ତି ବୋଲି ଚିଠିରେ ଉଲ୍ଲେଖ ରହିଛି। ଉକ୍ତ ବିଦ୍ୟାଳୟରେ ପରୀକ୍ଷା ସେଣ୍ଟର ନ ଥିବା ବେଳେ ଜିଲା ବାହାରେ ଛାତ୍ରୀଛାତ୍ର ଯାଇ ଅନ୍ୟ ଏକ ଘରୋଇ ବିଦ୍ୟାଳୟର ସହାୟତାରେ ପରୀକ୍ଷା ଦେଇଛନ୍ତି। ଏନ୍‌ଓସି ଓ ସିବିଏସଇ ଅନୁମୋଦନ ନ ଥିବା ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କଠାରୁ ମୋଟା ଅଙ୍କର ଡୋନେସନ ଓ ମାସିକ ଫି' ଆଦାୟ କରାଯାଉଛି। ତାହା ତଦନ୍ତ ସାପେକ୍ଷ। ଜିଲାପାଳ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପାଇଁ ପଦକ୍ଷେପ ନେବା ଦାବି କରିଛନ୍ତି ଅଭିଭାବକ ଗୋଷ୍ଠୀ।

■ସର୍ବଭାରତୀୟ ସିନିୟର ମହିଳା ଟେନିସ୍ ବଲ କ୍ରିକେଟ ପ୍ରତିଯୋଗିତା

# ଓଡ଼ିଶା ଦଳରେ ଜିଲାରୁ ୫ ଖେଳାଳି



ଓଡିଶା ଦଳରେ ସ୍ଥାନ ପାଇଥିବା ୫ ଖେଳାଳି।

ନବରଙ୍ଗପୁର,୨୧।୧୨(ଡି.ଏନ୍.ଏ.)

ଚଳିତ ମାସ ୨୨ରୁ ଆନ୍ଧ୍ରପ୍ରଦେଶ ବିଜୟୱାଡାରେ ଆରମ୍ଭ ହେବାକୁ ଥିବା ସର୍ବଭାରତୀୟ ସିନିୟର ମହିଳା ଟେନିସ୍ ବଲ କ୍ରିକେଟ ପ୍ରତିଯୋଗୀତାରେ ଓଡିଶା ଦଳରେ ନବରଙ୍ଗପୁର ଜିଲାର ୫ ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ରଇଲା ଭତ୍ରା, ଜସ୍ନା ହରିଜନ, ରାଜେଶ୍ୱରୀ ନାୟକ, ଗୀତାଞ୍ଜଳୀ ନାୟକ, ରଞ୍ଜିତା ନାୟକ। ସେମାନଙ୍କୁ ନବରଙ୍ଗପୁର ମହିଳା ମହାବିଦ୍ୟାଳୟ କ୍ରୀଡା ପ୍ରଶିକ୍ଷକ ଶିବ ପଟ୍ଟନାୟକ ଟ୍ରେନିଂ ଦେଉଥିଲେ। ଓଡ଼ିଶା ଦଳରେ ନବରଙ୍ଗପୁର ଖେଳାଳିଙ୍କୁ ସାମିଲ କରିଥିବାରୁ ଓଡିଶା ଟେନିସ ବଲ କ୍ରିକେଟ ସଂଘ ସମ୍ପାଦକ ସିଥିଲ କୁମାର ପଣ୍ଡା, ଉପସଭାପତି ସଞ୍ଜୀୟ କୁମାର ବିଷୋୟୀ, ଓଡିଶା ଦଳର କୋଚ ଚକ୍ରଧର ମାଝି, ମ୍ୟାନେଜର ରଞ୍ଜନ କୁମାର ନାୟକଙ୍କ ସହ ରାଜ୍ୟ ସଂଘକୁ ନବରଙ୍ଗପୁର ଘରୋଇ ବସ ମାଲିକ ସଂଘ ସଭାପତି ପ୍ରକାଶ ତ୍ରିପାଠୀ, ମିଲ ମାଲିକ ସଂଘ ସଭାପତି ତାପଷ ତ୍ରିପାଠୀ, ବଣିକ ସଂଘ ସଭାପତି ସୁଶିଲ ଜୈନ ଓ ଜିଲାବାସୀ କୃତଜ୍ଞତା ଜଣାଇଛନ୍ତି।

# ଅଭିଭାବକ, ଶିକ୍ଷକ ସମ୍ମିଳନୀ




ବୈଠକରେ ବିଇଓ ଉଦ୍‌ବୋଧନ ଦେଉଛନ୍ତି।

ଡାବୁଗାଁ, ୨୧।୧୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଜିଲା ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ବଡଓଲମା ଆଶ୍ରମ ବିଦ୍ୟାଳୟ-୧ରେ ଅଭିଭାବକ ଓ ଶିକ୍ଷକଙ୍କୁ ନେଇ ଏକ ସାଧାରଣ ସମ୍ମିଳନୀ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋପାଳ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସରକାରଙ୍କ ବିଭିନ୍ନ ଶିକ୍ଷା ସମ୍ପର୍କିତ ସୁଯୋଗ, ସୁବିଧା, ଶିକ୍ଷାର୍ଥୀଙ୍କ ସାମଗ୍ରିକ ବିକାଶ, ସେମାନଙ୍କ ସୁରକ୍ଷା ତଥା ନିରାପତ୍ତା, ଛାତ୍ର ବୃତି, ହଷ୍ଟେଲ, କ୍ରୀଡା ସୁଯୋଗ, ଜୀବନ କୌଶଳ ଶିକ୍ଷା, ଇଂରାଜୀ ମାଧ୍ୟମ ଶିକ୍ଷାର ସୁଯୋଗ ନିମନ୍ତେ ଅନ୍ୱେଷା, ମାଟ୍ରିକ ପରବର୍ତ୍ତୀ ଶିକ୍ଷା ଗ୍ରହଣ ନିମନ୍ତେ ଆକାଂକ୍ଷା କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଡାବୁଗାଁ ବ୍ଲକ ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ହୋତା ଯୋଗଦେଇଥିଲେ। ଶେଷରେ ସରକାରଙ୍କ ଦ୍ୱାରା ଦିଆଯାଇଥିବା କ୍ୟାଲେଣ୍ଡରକୁ ଅତିଥିମାନେ ଅଭିଭାବକଙ୍କୁ ବଣ୍ଟନ କରିଥିଲେ। ସମ୍ମିଳନୀରେ ସମ୍ମାନିତ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷା ସୁଷମା ବିଶୋଇ, ସରପଞ୍ଚ ନିଳେନ୍ଦ୍ର ଭତ୍ରା, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅଞ୍ଜଳି ବିଶ୍ୱାସ, ମହେଶ ଚନ୍ଦ୍ର ଶାହା, ପ୍ରଫୁଲ୍ଲ ବିଶୋଇ, ସିଆରସିସି ରାଇସିଂ ପୂଜାରୀ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଦମୟନ୍ତୀ ସ୍ୱାଇଁ, ରଶ୍ମିରେଖା ସ୍ୱାଇଁ, ଶୁଭ୍ରାଙ୍ଗିନୀ ମାହାଳିକ ଓ ସରୋଜିନୀ ବେହେରା, ଶିକ୍ଷକ ଅସିତ ପଣ୍ଡା, ଭୋଜରାଜ ମାଝୀ, ଧନଞ୍ଜୟ ତାଣ୍ଡି, ଉମାକାନ୍ତ ବିଶାଳ, ଫେଜଲ ଅବଦୁଲ ଗଫର, ଜଗଦୀଶ ସାହୁ ଓ ଅଭିଭାବିକା ଅଭିଭାବକମାନେ ଉପସ୍ଥିତ ଥିଲେ।

DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଶନିବାର, ଡିସେମ୍ବର ୨୨ /୨୦୧୮ Rayagada, Saturday, December. 22 / 2018

# ସେମିଲିଗୁଡ଼ାରେ ଖ୍ରୀଷ୍ଟମାସ ଶୋଭାଯାତ୍ରା

**ସେମିଲିଗୁଡ଼ା,୨୧।୧୨(ସ୍ୱ.ପ୍ର.)**

ସେମିଲିଗୁଡ଼ାରେ ସେମିଲିଗୁଡ଼ା ଖ୍ରୀଷ୍ଟିୟାନ କାଉନସିଲ ଓ ୟୁନାଇଟେଡ୍ ପାଷ୍ଟର ଫେଲୋଶିପ୍ ଆନୁକୂଲ୍ୟରେ ଖ୍ରୀଷ୍ଟମାସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ସେମିଲିଗୁଡ଼ା ଖ୍ରୀଷ୍ଟିୟାନ କାଉନସିଲ ସଭାପତି ପାଷ୍ଟର ଡାନିୟଲ ଖରା ଏବଂ ସମ୍ପାଦକଙ୍କ ନେତୃତ୍ୱରେ ସୁନାବେଡ଼ା , ସେମିଲିଗୁଡ଼ାର ୨ ହଜାରରୁ ଊର୍ଦ୍ଧ୍ୱ ଲୋକ ସାମିଲ ହୋଇଥିଲେ। ଏହି ଅବସରରେ ଯିଶୁ ଖ୍ରୀଷ୍ଟଙ୍କ ବାଣୀ ପ୍ରଚାର ପ୍ରସାର କରାଯିବା ସହିତ ତାଙ୍କ ଜନ୍ମ ସମ୍ବନ୍ଧୀୟ ଗୀତ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ରାଜେନ୍ଦ୍ର ଧଡ଼କା, ରାଜ କୁମାର, ବିଜୟ ଭୂୟାଁ ବି. କରୁଣାକର, ସୁନୀଲ କ୍ଷତ୍ରୀୟ ପ୍ରମୁଖ ଯୋଗଦେଇଥିଲେ।


ଶୋଭାଯାତ୍ରାରେ ସାମିଲ ହୋଇଥିବା ଖ୍ରୀଷ୍ଟଧର୍ମାବଲମ୍ବୀମାନେ।

# ‘ଲୋକଙ୍କ ନିକଟରେ ଯୋଜନା ପହଞ୍ଚାଅ’

## ବିଜେଡିର ଜୋନ୍‌ସ୍ତରୀୟ ୱାର୍ଡ କମିଟି ବୈଠକ

**ବନ୍ଧୁଗାଁ,୨୧।୧୨(ଡି.ଏନ୍.ଏ.)**

ବନ୍ଧୁଗାଁ ବ୍ଲକ୍ ଆଲମଣ୍ଡା ପଞ୍ଚାୟତ ସଦର ମହକୁମା ପଡ଼ିଆରେ ବିଜେଡିର ଜୋନ୍‌ସ୍ତରୀୟ ୱାର୍ଡ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଜିଲାପରିଷଦ ସଭାପତି ପ୍ରଭୁଜାନି, ଜିଲା ବିଜେଡି ଉପସଭାପତି ତ୍ରିପୁରା ଗରଡ଼ା, ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକ୍ ଦାୟିତ୍ୱରେ ଥିବା ପର୍ଯ୍ୟବେକ୍ଷକ ଅଜିତ ନାୟକ, ବନ୍ଧୁଗାଁ ବ୍ଲକ୍ ସ୍ୱତନ୍ତ୍ର ଉନ୍ନୟନ ପରିଷଦ କାଉନସିଲର ଲାଡୁ ହୁଲୁକା, ବିଜେଡି ବ୍ଲକ୍ ସଭାପତି ବାଲା ନାଗ, ସରିତା ସାରଥି, ବିଜେଡି ବ୍ଲକ୍ ସାଧାରଣ ସମ୍ପାଦକ ଅଭିମନ୍ୟୁ ଭାଣ୍ଡି, ଏମ୍‌ପିଙ୍କ ପ୍ରତିନିଧି ସୁବାସ ସାରକା, ଦୁର୍ଯ୍ୟୋଧନ ନାଗ, ରବୀନ୍ଦ୍ର ଦେବର ପଲ୍ଲୀ, ଗୌରୀ ଲେମେକା, ଭି. ଗଣପତି ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଆଗାମୀ ନିର୍ବାଚନ ନିମନ୍ତେ ଖସଡ଼ା ପ୍ରସ୍ତୁତି ହେବା ସହିତ ୨୧ ଜଣିଆ ୱାର୍ଡ ସଭ୍ୟମାନଙ୍କୁ ସରକାରଙ୍କ ଜନହିତକର ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦିଆଯାଇଛି। ଉକ୍ତ ବୈଠକରେ ସ୍ଥାନୀୟ ଅଞ୍ଚଳରୁ ୫ ଶହରୁ ଊର୍ଦ୍ଧ୍ୱ ଲୋକ ଯୋଗଦେଇଥିଲେ।


ୱାର୍ଡ କମିଟି ବୈଠକରେ ବିଜେଡି ନେତା ଓ କର୍ମୀ।

### ଭୟରେ ଚାଷୀ

# ଭାଲୁଛୁଆଙ୍କୁ ସ୍ଥାନାନ୍ତର ଦାବି

**କୁନ୍ଦୁରା,୨୧।୧୨(ଡି.ଏନ୍.ଏ)**

କୁନ୍ଦୁରା ବ୍ଲକ୍ ଡଙ୍ଗରପାଉଁସୀ ପଞ୍ଚାୟତ ମୁଣ୍ଡିଗୁଡ଼ା ଗ୍ରାମ ରାସ୍ତା ପାର୍ଶ୍ୱସ୍ଥ ଏକ ପରିବା ଚାଷ ଜମି ନିକଟରେ ୧୨ ଦିନ ହେଲା ନବଜନ୍ମିତ ଭାଲୁଛୁଆ ରହିଆସୁଛନ୍ତି। ଏମାନଙ୍କ ନିକଟରେ ମା’ ଭାଲୁ ମଧ୍ୟ ରହୁଛନ୍ତି। ଏଥିପାଇଁ ଭାଲୁ ଛୁଆଙ୍କୁ ସ୍ଥାନାନ୍ତର କରିବାକୁ ଚାଷୀମାନେ ଦାବି କରିଛନ୍ତି। କିନ୍ତୁ କୁନ୍ଦୁରା ବନ ବିଭାଗର ଅବହେଳା ଯୋଗୁ ଏମାନଙ୍କୁ ସ୍ଥାନାନ୍ତର କରାଯାଇପାରୁ ନାହିଁ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ , ଏକ ମାସରେ ଭାଲୁ ଛୁଆଙ୍କ ଆଖିକୁ ଦେଖାଗଲେ ସେମାନେ ନିଜେ ନିଜେ ଉକ୍ତ ସ୍ଥାନ ଛାଡ଼ି ଅନ୍ୟତ୍ର ଯିବାକୁ ପ୍ରୟାସ କରିବେ। ଗଣେଶ୍ୱର ସାବତଙ୍କ ଚାଷ ଜମି ହୁଡ଼ାରେ ଦୁଇଟି ଭାଲୁ ଛୁଆ ଜନ୍ମ ହୋଇଥିଲେ। ଏମାନେ ଉକ୍ତ ଚାଷ ଜମିରେ ରହିଥିବାବେଳେ ଆଉ ଗୋଟିଏ ଭାଲୁ ଛୁଆ ଏଠାକୁ ଆସିଥିଲା। ଏବେ ଏଠାରେ ତିନୋଟି ରହିଛନ୍ତି। ଏମାନଙ୍କୁ ମା’ ଭାଲୁମାନେ ଜଗି ରହୁଛନ୍ତି। ଫଳରେ ଉକ୍ତ ବାଟଦେଇ ଯା’ଆସ କରୁଥିବା ଚାଷୀଙ୍କୁ ଛନକା ପଶିଛି। ଉକ୍ତ ଜମିରେ କାମ କରୁଥିବା ତ୍ରିନାଥ ବାରିକ ଭାଲଙ୍କ ଆକ୍ରମଣର ଶିକାର ହୋଇଥିଲେ। ଉକ୍ତ ଜମିରେ ଉଠା ଜଳସେଚନ ଦ୍ୱାରା ଚାଷ କରାଯାଉଥିବା ବେଳେ ଅମିତ ସାବତ, ରମେଶ ସାବତ, ରଘୁନାଥ ସାବତ, ଗଙ୍ଗାଧର ମାଝି, ସମାରୁ ଭୂମିୟାଁ, ନରସିଂହ ପୂଜାରୀ ପ୍ରମୁଖ ଚାଷ ଜମିକୁ ଭୟରେ ଯାଉନାହାନ୍ତି। ଭାଲୁ ଛୁଆଙ୍କୁ ସ୍ଥାନାନ୍ତର କରିବାକୁ ଦାବି ହୋଇଛି।












Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯେଉଁମାନଙ୍କର ସଙ୍କୀର୍ଣ୍ଣଭାବ, ସେହିମାନେ ହିଁ କେବଳ ଅନ୍ୟମାନଙ୍କ ଧର୍ମକୁ ନିନ୍ଦା କରନ୍ତି ଓ ଆପଣା ଧର୍ମକୁ ଶ୍ରେଷ୍ଠ ବୋଲି କହନ୍ତି।

- ରାମକୃଷ୍ଣ ପରମହଂସ



# ୧୧ବର୍ଷ ହେଲା ବାରଣ୍ଡାରେ ଚାଲିଛି ପାଠପଢ଼ା

**ଚନ୍ଦ୍ରପୁର, ୨୧।୧୨(ଡି.ଏନ୍.ଏ.)**

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକ ବୁଡିବାଲି ପଞ୍ଚାୟତ ଅଧୀନ ଗାର୍ଡେନଭଟା ପ୍ରାଥମିକ ବିଦ୍ୟାଳୟ। ପ୍ରଥମରୁ ପଞ୍ଚମ ଶ୍ରେଣୀ ମଧ୍ୟରେ ଏଠାରେ ପାଠ ପଢନ୍ତି ୩୧ଜଣ ଛାତ୍ରୀଛାତ୍ର। ଶ୍ରେଣୀ ଗୃହ ଅଭାବରୁ ଦୀର୍ଘ ୧୧ ବର୍ଷ ହେବ ଗାଁ ମୁଣ୍ଡରେ ଥିବା ଓଟିଏଲ୍‌ପି ସଂସ୍ଥାର ଏକ ଛୋଟିଆ କୋଠରୀରେ ପାଠ ପଢାଯାଉଛି। ଉକ୍ତ କୋଠରୀର ଅବସ୍ଥା ମଧ ଶୋଚନୀୟ ହୋଇଥିବାରୁ ଭୟରେ ଶିକ୍ଷୟିତ୍ରୀ ଶିକ୍ଷକ ପିଲାମାନଙ୍କୁ ବାରଣ୍ଡାରେ ପାଠ ପଢାଉଛନ୍ତି। ଏ ନେଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଗଲେ ମଧ କୌଣସି ସୁଫଳ ମିଳୁ ନ ଥିବା ନେଇ ସ୍କୁଲ ପରିଚାଳନା କମିଟି, ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ସ୍କୁଲରେ ଶ୍ରେଣୀ ଗୃହ ଅଭାବ ଥିବାରୁ ୨୦୦୭ରେ ବିଦ୍ୟାଳୟ ଗୃହ ନିର୍ମାଣ କାମ ଆରମ୍ଭ ହୋଇଥିଲା। ଦୀର୍ଘ ୧୧ ବର୍ଷ ହେବ କେବଳ ଛାତ ଲେବଲ ପର୍ଯ୍ୟନ୍ତ କାମ ହୋଇଛି। ପିଲାମାନଙ୍କ ଶିକ୍ଷାର ବିକାଶ ଦୃଷ୍ଟିରୁ ଗାଁ ମୁଣ୍ଡରେ ଥିବା ଏକ ଓଟିଏଲପି ସଂସ୍ଥାର ଛୋଟିଆ କୋଠରୀରେ ପିଲାଙ୍କୁ ପାଠ ପଢାଯାଉଛି, ଯାହାକି ଅତି ଦୟନୀୟ ଅବସ୍ଥାରେ ବର୍ତ୍ତମାନ ରହିଛି। ସାମାନ୍ୟ ବର୍ଷା ହେଲେ



ପିଲାମାନେ ବାହାରେ ପାଠ ପଢୁଛନ୍ତି।

ଛାତରୁ ପାଣି ପଡୁଛି। କୋଠରୀଟି ଶୋଚନୀୟ ଅବସ୍ଥାରେ ଥିବାରୁ ଏବଂ ସମସ୍ତ ଛାତ୍ରୀଛାତ୍ର କୋଠରୀରେ ଜାଗା ହେଉ ନ ଥିବାରୁ ବାଧ ହୋଇ ପିଲାମାନେ ବାରଣ୍ଡାରେ ବସି ପାଠ ପଢୁଛନ୍ତି ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦାସୁତା ଗଗେରେଙ୍ଗା, ଆଲୋକ ଗଗେରେଙ୍ଗା, ଅଭି ଗଗେରେଙ୍ଗା, ଯକ୍ଷ ଗଗେରେଙ୍ଗା, ଜସେଫ ଗଗେରେଙ୍ଗା ପ୍ରମୁଖ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବାରଣ୍ଡାକୁ ଲାଗି ଏକ ଅସ୍ଥାୟୀ ଗୁହାଳରେ ମଧ୍ୟାହ୍ନଭୋଜନ ରୋଷେଇ କରାଯାଉଛି । ଏଠାରେ ନଳକୂପ ଟିଏ ନ ଥିବାରୁ ଗାଁ ଭିତରୁ ପାଣି ଅଣାଯାଉଛି। ଶୌଚାଳୟର ବ୍ୟବସ୍ଥା ମଧ ନାହିଁ ବୋଲି ଶିକ୍ଷା କମିଟି ସଭ୍ୟ ମଙ୍ଗୁଲୁ ଗଗେରେଙ୍ଗା ଏବଂ ଶିକ୍ଷାବିତ୍ ଦାନିଏଲ ଗଗେରେଙ୍ଗା ଅଭିଯୋଗ କରିଛନ୍ତି। ଜିଲାପାଳ, ଜିଲା ଶିକ୍ଷାଧିକାରୀ, ଜିଲା ଶିକ୍ଷା ପ୍ରକଳ୍ପ ସଂଯୋଜକ, ବ୍ଲକ ଶିକ୍ଷାଧିକାରୀଙ୍କୁ ଜଣାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଉନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟରାମ କରକରିଆଙ୍କୁ ପଚାରିବାରୁ ପରିଚାଳନା କମିଟି ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଛି। ମୋ ତରଫରୁ ବ୍ଲକ ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛି । ମୋ ପୂର୍ବରୁ ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ ବିଦ୍ୟାଳୟ ନୂତନ ଗୃହ ନିର୍ମାଣ କରି କଣ ପାଇଁ ଛାତ ପକାଇନାହାନ୍ତି ମୁଁ ଜାଣିନାହିଁ ବୋଲି ସେ କହିଛନ୍ତି। ବିଦ୍ୟାଳୟ ନିର୍ମାଣ ପାଇଁ ସମସ୍ତ ଅର୍ଥ ଉଠାଯାଇଛି କିନ୍ତୁ ଗୃହଟି ସଂପୂର୍ଣ୍ଣ ହୋଇପାରୁନି ବୋଲି ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି। ଅତିଶୀଘ୍ର ଏହାର ତଦନ୍ତ କରାଯାଇ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ଏ ସମ୍ପର୍କରେ ଚନ୍ଦ୍ରପୁର ବ୍ଲକ ସହକାରୀ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ବ୍ଲକର କେତେ ଅସମ୍ପୂର୍ଣ୍ଣ ଶ୍ରେଣୀ ଗୃହ ରହିଛି ତାହାର ରେକର୍ଡ ରଖାଯାଇଛି। ଶ୍ରେଣୀ ଗୃହ ନିର୍ମାଣ ଦାୟିତ୍ୱରେ ଥିବା ଶିକ୍ଷକମାନଙ୍କଠାରୁ ଟଙ୍କା ରିକଭରି କରାଯିବାକୁ ଜଲା ସର୍ବଶିକ୍ଷା ଅଭିଯାନ ପ୍ରକଳ୍ପ ସଂଯୋଜକଙ୍କ କାର୍ଯ୍ୟାଳୟରୁ ଚିଠି ଆସିଛି।

**ଗାର୍ଡେନଭଟା ପ୍ରାଥମିକ ବିଦ୍ୟାଳୟ**

- ଅଧାପନ୍ତରିଆ ଅବସ୍ଥାରେ ରହିଛି ସ୍କୁଲ
- ରୋଷେଇ ଘର, ନଳକୂପ,ଶୌଚାଳୟ ନାହିଁ
- ନିଆଯାଉନାହିଁ ପଦକ୍ଷେପ

## ସଂକ୍ଷେପରେ

### ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଗୁଣପୁର,୨୧।୧୨(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ସହର ମିନି ଷ୍ଟାଡିୟମଠାରେ ଶୁକ୍ରବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗୁଣପୁର ବିଧାୟକ ତ୍ରିନାଥ ଗମାଙ୍ଗ, ଜିଲାପାଳ ଗୁହା ପୁନମ ତାପସ କୁମାର, ଭାରପ୍ରାପ୍ତ ଉପଜିଲାପାଳ ତଥା ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଗୋରାଚାନ୍ଦ ଗମାଙ୍ଗ, ବ୍ଲକ ଅଧ୍ୟକ୍ଷା ଦେବକୀ ଗମାଙ୍ଗ, ଉପାଧ୍ୟକ୍ଷ ଏସୋ ଶବର,ବିଡିଓ ଗାୟତ୍ରୀ ଦେବୀ, ଜିଲା ପରିଷଦ ସଭ୍ୟ ଅଶ୍ୱନି ଗମାଙ୍ଗ ପ୍ରମୁଖ ଯୋଗ ଦେଇଥିଲେ ।

### ଆଇସିଡିଏସ କାର୍ଯ୍ୟାଳୟର ନାହିଁ ନାମଫଳକ

**ବିଷମକଟକ,୨୧।୧୨(ଡ଼ି.ଏନ.ଏ):** ରାୟଗଡା ଜିଲା ବିଷମକଟକ ବ୍ଲକର ଜଗନ୍ନାଥ ମନ୍ଦିର ନିକଟରେ ରହିଛି ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ (ଆଇସିଡିଏସ) । ଦୀର୍ଘ ୨୫ ବର୍ଷ ହେଲାଣି ଏହି କାର୍ଯ୍ୟାଳୟରେ ଲାଗିପାରୁ ନାହିଁ ନାମ ଫଳକ । ଦୂରଦୂରାନ୍ତରୁ ଆସୁଥିବା ଲୋକେ ଏହି କାର୍ଯ୍ୟାଳୟ ଜାଣି ନ ପାରି ବାରମ୍ବାର ପଚାରିବା ସହ ବହୁ ହଇରାଣ ହୋଇଥାନ୍ତି । ଏହା କେନ୍ଦ୍ର ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ। ପ୍ରତ୍ୟେକ ପରିବାରର ବିଶେଷ ତଥ୍ୟ ସରକାର ପରୋକ୍ଷରେ ଅଙ୍ଗନୱାଡି କେନ୍ଦ୍ର ମାଧ୍ୟମରେ ଜାଣିଥାନ୍ତି । ଜଣେ ମହିଳାଙ୍କ ଗର୍ଭ ଆରମ୍ଭରୁ ପ୍ରସବ ତାରିଖ, ଗୋଟିଏ ସଦ୍ୟଜାତ ଶିଶୁର ଓଜନଠାରୁ ଆରମ୍ଭ କରି ୧୪ ବର୍ଷ ପର୍ଯ୍ୟନ୍ତ ସମସ୍ତ ତଥ୍ୟ ସରକାର ଏହି କାର୍ଯ୍ୟାଳୟ ମାଧ୍ୟମରେ ଅବଗତ ହୋଇଥାନ୍ତି । ଏହି ତାଲିକାକୁ ନେଇ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଥାନ୍ତି । କେଉଁ କାରଣରୁ ଏଠାରେ ନାମଫଳକ ଲଗାଯାଇପାରୁ ନାହିଁ ତାହା ଏବେ ବଡ ପ୍ରଶ୍ନ ହୋଇ ଠିଆ ହୋଇଛି ।

### ସୋସିଆଲ ମିଡିଆ ପୁରସ୍କାର ପାଇଲେ ନିରଞ୍ଜନ



**ଟିକିରି,୨୧।୧୨(ଡି.ଏନ୍.ଏ.):** ରାୟଗଡ଼ା ଜିଲା କାଶିପୁର ବ୍ଲକ ଟିକିରିସ୍ଥିତ ଗୌଡ଼ସାହିର ନିରଞ୍ଜନ ନାୟକ ଗଳ୍ପ ଏବଂ କବିତା ଲେଖା ପାଇଁ ଓଡ଼ିଶା ସୋସିଆଲ ମିଡିଆ ପୁରସ୍କାର ପାଇଛନ୍ତି । ଶୁକ୍ରବାର ଭୁବନେଶ୍ୱରସ୍ଥିତ ଉତ୍କଳ ସାମ୍ବାଦିକ ସଂଘ ଭବନ ପରିସରରେ 'ଦିଶା' ସାମାଜିକ ଅନୁଷ୍ଠାନ ଦ୍ୱାରା ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ପୁରସ୍କାର ଉତ୍ସବରେ ବରିଷ୍ଠ ଖବରଦାତା ପ୍ରଦୋଷ ପଟ୍ଟନାୟକ, ବିଧାୟକ ସମୀର ମହାନ୍ତି, ସାମାଜିକ କର୍ମୀ ମୀରା ପରିଡା, କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ, ଲୋରା ମହାପାତ୍ର, ଦିଶାର ନିର୍ଦ୍ଦେଶକ ନାରାୟଣଚନ୍ଦ୍ର ଓଝା ପ୍ରମୁଖ ଉପସ୍ଥିତ ରହି ନିରଞ୍ଜନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ପୂର୍ବରୁ ନିରଞ୍ଜନ କଳିଙ୍ଗ ଯୁବ ସାହିତ୍ୟ ସମ୍ମାନ ସହ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି । ସେ କାଶିପୁର ସମ୍ବାଦ ସାହିତ୍ୟ ଘର ଏବଂ ଟିକିରି ସାହିତ୍ୟ ପରିବାର ସମ୍ପାଦନା ଦାୟିତ୍ୱରେ ରହିଛନ୍ତି ।

# ମୁକ୍ତ ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମ ନେଇ ଆଲୋଚନାଚକ୍ର

**ଗୁଣପୁର,୨୧।୧୨(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ବ୍ଲକ ଡ଼ମ୍ବସରା ଡିଗ୍ରୀ କଲେଜଠାରେ ଶୁକ୍ରବାର ମୁକ୍ତ ବିଶ୍ୱ ବିଦ୍ୟାଳୟ ପାଠ୍ୟକ୍ରମ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରେ ଗୁଣପୁର କଲେଜ ଇତିହାସ ବିଭାଗ ମୁଖ୍ୟ ଡ.ଜବାହର ଚୌଧୁରୀ, ଅଫିସ ସୁପରିଣ୍ଟେଣ୍ଡେଣ୍ଟ ଶିବ ପ୍ରସାଦ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଏହି ପାଠ୍ୟକ୍ରମର ଆବଶ୍ୟକତା ଏବଂ ଆଦିବାସୀ ଦଳିତ ପିଲାଙ୍କ ପ୍ରବେଶିକା ଦେୟ ମୁକ୍ତ ବୋଲି ମତବ୍ୟକ୍ତ କରିଥିଲେ । ଅଧ୍ୟାପକ ରାମକୃଷ୍ଣ ସେନାପତି, ପୂର୍ଣ୍ଣଚନ୍ଦ୍ର ମାଝି, ରତିକାନ୍ତ ମିଶ୍ର, ଶ୍ରୀକାନ୍ତ ରଥ, ସୂର୍ଯ୍ୟ କୁମାର ମଳିଫୁଲ, ଗଣେଷ ମଳିଫୁଲ, ରମେଶ ଜଟିଆ, ନୀଳମଣି ଅମ୍ବରେଲି, ହେମନ୍ତ କୁମାର ମଳିଫୁଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଅଧ୍ୟକ୍ଷ ଡ.କୃଷ୍ଣଚନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିଲେ ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଛାତ୍ରୀଛାତ୍ର ।

# ବିଦ୍ୟୁତ୍ ଆଘାତରେ ୪ ଗୋରୁ ମୃତ

**କୋଲନରା,୨୧।୧୨(ଡ଼ି.ଏନ.ଏ)**

କୋଲନରା ବ୍ଲକ ସୁରୀ ପଞ୍ଚାୟତର ମଣସିଂଠାରୁ ପୂଜାରୀଗୁଡ଼ାରେ ବିଦ୍ୟୁତ୍ ଆଘାତରେ ୪ ଗୋରୁଙ୍କ ମୃତ୍ୟୁ ହୋଇଛି। ସାମୁଦ୍ରକ ଝଡ଼ ପେଥାଇ ପ୍ରଭାବରେ ବିଦ୍ୟୁତ୍ ତାର ଛିଣ୍ଡି ପଡ଼ିଥିଲା । ଏହାର ସଂସ୍ପର୍ଶରେ ଆସି ଉକ୍ତ ଗୋରୁଙ୍କ ମୃତ୍ୟୁ ହୋଇଛି । ଚିନ୍ତାମଣି କଣ୍ଡାଗରିଙ୍କ ୩ ଓ ପ୍ରକାଶ ସାରକାରଙ୍କ ଗୋଟିଏ ଗୋରୁଙ୍କ ମୃତ୍ୟୁ ହୋଇଛି । ଖବରପାଇ ଧିରାବାଲି ବିଦ୍ୟୁତ୍ ବିଭାଗ କର୍ମଚାରୀ ପହଞ୍ଚି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଥିଲେ ।

# ଚଇତି ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

**ରାୟଗଡା ଅଫିସ୍, ୨୧।୧୨**

ରାୟଗଡାର ଲୋକ ମହୋତ୍ସବ ଚଇତି ୨୦୧୮ ଉପଲକ୍ଷେ ଶୁକ୍ରବାର ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଜିସିଡି ଖେଳ ପଡିଆଠାରେ ଭଲିବଲ୍ ଓ ଲାୟନ୍ସ କ୍ଲବ୍‌ଠାରେ ବିବାହିତା ମହିଳାମାନଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଭଲିବଲ୍ ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଏସ୍‌ପି ରାହୁଲ ପିଆର୍ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ । ଏଥିରେ ସିଆର୍‌ପିଏଫ୍ ଚତୁର୍ଥ ବାଟାଲିୟନ୍ ମାଲିଗାଁ ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ସେହିପରି ସଂସ୍କୃତି ମହିଳା ଅନୁଷ୍ଠାନ ଓ ଜିଲା ପ୍ରଶାସନ ପକ୍ଷରୁ ମହିଳାମାନଙ୍କୁ ନେଇ ଆୟୋଜିତ ନୃତ୍ୟ ପ୍ରତିଯୋଗିତାରେ ରାଜେଶ୍ୱରୀ ଦଳେଇ ଓ ଯାଦବ ନନ୍ଦ ରାୟ ଜଜ୍ ଭାବେ ଯୋଗ ଦେଇଥିଲେ । ଏଥିରେ ସସ୍ମିତା ସାମଲ ପ୍ରଥମ, ବିରୋଜି ଶତପଥୀ ଦ୍ୱିତୀୟ, ଚିରସ୍ମିତା ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ । କାର୍ଯ୍ୟକ୍ରମକୁ ସଂସ୍କୃତି ଅନୁଷ୍ଠାନର ସଭାପତି ରୁବିରାଣୀ କୁଣ୍ଡୁ, ସମ୍ପାଦିକା ଅନସୂୟା ମାଝି, କୋଷାଧ୍ୟକ୍ଷା ଦୀପ୍ତି ପରିଚ୍ଛା, ସଦସ୍ୟ ରେଣୁବାଳା ପାଣିଗ୍ରାହୀ, ସିପ୍ଲା ଗନ୍ତାୟତ, ପ୍ରଣତୀ ପାତ୍ର, ସ୍ୱପ୍ନା ରଥ, ସରସ୍ୱତୀ ସାହୁ, ପିଙ୍କି ରଥ, ପଦ୍ମାଳୟା ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ସେହିପରି ସ୍ଥାନୀୟ ଅଭିନନ୍ଦନ ହଲ୍‌ରେ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଏସ୍‌ପି ରାହୁଲ ପିଆର୍, ସମ୍ମାନିତ ଅତିଥି ଭାବେ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଟୁକୁ ବାରିକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ୪୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ୫୦ରୁ ୮୦କେଜି ବର୍ଗରେ ଖେଳାଳୀମାନେ ଭାଗ ନେଇଥିଲେ । ପ୍ରତିଯୋଗିତାରେ ମୋଟ ୧୮ଟି ପୁରସ୍କାର ରଖାଯାଇଥିବା ବେଳେ ଶହୀଦ୍ ଲକ୍ଷ୍ମଣ ନାୟକ ଜିମ୍‌ର ଖେଳାଳିମାନେ ୧୧ଟି ପୁରସ୍କାରପ୍ରାପ୍ତ କରିଥିଲେ । ସେହିଭଳି ଚଇତି ଶ୍ରୀ ଭାବେ ମହାବୀର ଜିମ୍ ପକ୍ଷରୁ ଶଶାଙ୍କ ଶେଖର ସାହୁ ବିଜୟୀ ହୋଇଥିଲେ ।



ନୃତ୍ୟ ପ୍ରତିଯୋଗିତାରେ ଭାଗ ନେଇଥିବା ମହିଳାମାନେ ।

# ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ

**ଅମ୍ବାଦୋଳା,୨୧।୧୨ (ଡି.ଏନ୍.ଏ.)**

ମୁନିଗୁଡା ବ୍ଲକ ଅମ୍ବାଦୋଳାରେ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି । ଏଥିରେ ଓଡ଼ିଶା, ଆନ୍ଧ୍ର ଓ ଛତିଶଗଡ ରାଜ୍ୟର ୧୬ଟି ଦଳ ଭାଗ ନେଇଛନ୍ତି। ସ୍ଥାନୀୟ ଥାନା ଅଧିକାରୀ ବନ୍ଦନା ନାୟକ,ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଚିତା ବେହେରା, ସରପଞ୍ଚ ତ୍ରିମତି ମିର୍ଦ୍ଧା, ରତନଲାଲ ଜୈନ, ଜ୍ୟୋତି ପ୍ରସାଦ ସାହୁ, ବେଦାନ୍ତ କମ୍ପାନୀର ରିପ୍ରେଜେଣ୍ଟେଟିଭ୍ ଶ୍ରୀଧର ସାହୁ, ସୀମାଞ୍ଚଳ ପାତ୍ର, ସୀମାଞ୍ଚଳ ରଣା, ଲାଲୁ ପାତ୍ର, ରମେଶ ସାମନ୍ତ, ସତ୍ୟବାନ ଛତର, ଜନ୍ମ ମାଝି, ମାଧବିଲତା ମାଝି ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସୁଧୀର ଦାସ ପତାକା ଉତ୍ତୋଳନ କରିଥିବାବେଳେ ଶହୀଦ ସଞ୍ଜୟ ମାଝିଙ୍କ ମାତା ପିତା ଫିତା କାଟି ଉଦ୍‌ଘାଟନ କରିଥିଲେ। ପ୍ରକାଶଥାଉକି, ଶହୀଦ ସଞ୍ଜୟ ମାଝିଙ୍କ ସ୍ମୃତିରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହୋଇଛି ।

# ଯୁବ ବିକାଶ ପରିଷଦ ପକ୍ଷରୁ ଦାବିପତ୍ର

**ରାୟଗଡା ଅଫିସ୍, ୨୧।୧୨**

ଯୁବ ବିକାଶ ପରିଷଦ ପକ୍ଷରୁ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ସହରରେ ଥିବା କୃଷ୍ଣଚନ୍ଦ୍ର ନଗର ଭବନ ଭାଙ୍ଗି ଉକ୍ତ ସ୍ଥାନରେ ବିଜୁ ପଟ୍ଟନାୟକ ଅଡିଟୋରିୟମ୍ ନିର୍ମାଣ ନେଇ ପ୍ରଶାସନ ନିଷ୍ପତ୍ତି ନେଇଛନ୍ତି। ଯାହାଦ୍ୱାରା କୋମଳମତି ଶିଶୁଙ୍କ ପ୍ରଦୂଷଣ ମୁକ୍ତ ଶିକ୍ଷା, ସ୍ୱାସ୍ଥ୍ୟ, ଟ୍ରାଫିକ୍ ସମସ୍ୟା ଦେଖାଦେବ । ୨୦୧୭ ପୂର୍ତ୍ତ ବିଭାଗ ସେନ୍‌ସସ୍ ମୁତାବକ ନଗର ଭବନ କାଛକୁ ଲାଗିଥିବା ରାଜ୍ୟ ରାଜପଥ ଦେଇ ଦୈନିକ ୪ ହଜାରରୁ ଉର୍ଦ୍ଧ୍ୱ ଯାନବାହାନ ଯାତାୟତ କରୁଛି । ନଗର ଭବନ ନିକଟରେ ଠକ୍କରବାପା ଆଶ୍ରମ, ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ଓ ଜିବିଏମ୍ ହାଇସ୍କୁଲ ସହ ଅନ୍ୟାନ୍ୟ ବିଦ୍ୟାଳୟ ମାନ ରହିଛି । ଉକ୍ତ ସ୍ଥାନରେ ୬୦୦ ଆସନ ବିଶିଷ୍ଟ ଅଡିଟୋରିୟମ୍ ହେଲେ ବହୁ ଗାଡ଼ି ଆଗମନ ଏବଂ ପ୍ରସ୍ଥାନ କରିବ। ସେଠାରେ ଗାଡି ରହିବା ପାଇଁ ଆବଶ୍ୟକ ସ୍ଥାନର ଘୋର ଅଭାବ ରହିଛି । ଯାହାଦ୍ୱାରା ଟ୍ରାଫିକ୍ ସମସ୍ୟା ଉପୁଜିବ । ଏଥିସହ ସମଗ୍ର ଶିକ୍ଷାନୁଷ୍ଠାନ ଅଞ୍ଚଳ ପ୍ରଦୂଷିତ ହେବ । ଏଭଳି ପରିପ୍ରେକ୍ଷୀରେ ଉକ୍ତ ଅଞ୍ଚଳରୁ ୧୦୦ରୁ ଉର୍ଦ୍ଧ୍ୱ ଛୋଟବଡ ବୃକ୍ଷ କଟାଯାଇ ଅଡିଟୋରିୟମ୍ ପାଇଁ ପଥ ପରିଷ୍କାର କରିବାକୁ ପ୍ରଶାସନ ଏବଂ ପୌରପାଳିକା କରୁଥିବା ପ୍ରୟାସକୁ ଯୁବ ବିକାଶ ପରିଷଦ ତୀବ୍ର ଭାବେ ନିନ୍ଦା କରିଛି । ସହରରେ ଏକ ବଡ ଅଡିଟୋରିୟମ୍ ହେବା ଜରୁରୀ । ତେଣୁ କୃଷ୍ଣଚନ୍ଦ୍ର ନଗର ଭବନକୁ ଆବଶ୍ୟକ ମରାମତି ନିମନ୍ତେ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇ ତାହାକୁ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ କରି ସାଧାରଣ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଉ । ସେଠାରେ ନୂତନ ନଗର ଭବନ ଲୋକାର୍ପଣ କରାଯାଉ ବୋଲି ଦାବି କରିଛନ୍ତି । ସଂଘ ସଭାପତି ଶିବାଜୀ ଦାଶଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି ।

# ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ମୁଖ୍ୟଅତିଥି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି ।

**ଗୁଣପୁର,୨୧।୧୨ (ଡି.ଏନ.ଏ)**

ଗୁଣପୁରରେ ଶବର ସାଂସ୍କୃତିକ ସଂଘ ପକ୍ଷରୁ ଭଲିବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଛି । ଏଥିରେ ୨୬ଟି ଦଳ ଭାଗ ନେଇଛନ୍ତି । ପାଣ୍ଡବ ଶବର, ମୁନା ଶବର, ବିଦ୍ୟାଧର ଶବର, ଫାଲଗୁନି ଶବର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏଥିରେ ଅର୍ଜୁନ ଶବର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଚକ୍ରପାଣି ଶବର, ଗାଡେ ଶବର ପ୍ରମୁଖ ଯୋଗ ଦେଇଥିଲେ । ଉଦ୍‌ଘାଟନୀ ଉତ୍ସବରେ ଦୁଇଟି ପର୍ଯ୍ୟାୟରେ ମ୍ୟାଚ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ଜୟ ଜଗନ୍ନାଥ ଟିମ ଗୁଣପୁର ଏବଂ ଗୁରୁଗୁପାଙ୍ଗ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜୟ ଜଗନ୍ନାଥ ଟିମ ବିଜୟୀ ହୋଇଥିଲା । ସେହିପରି ୨ୟ ପର୍ଯ୍ୟାୟ ମ୍ୟାଚ ଏସପି ଗୁଡା ଏବଂ ପେଣକାମ ମଧ୍ୟରେ ହୋଇଥିଲା । ଏଥିରେ ଏସପି ଗୁଡା ଦଳ ବିଜୟୀ ହୋଇଥିଲା ।

■ ୧୦ବର୍ଷ ହେଲା ଯୁବକ ନିଖୋଜ

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

**ରାୟଗଡା ଅଫିସ୍, ୨୧।୧୨**

ରାୟଗଡା ଜିଲା କାଶୀପୁର ବ୍ଲକ୍ ମାଇକଞ୍ଚ ପଞ୍ଚାୟତ ଅନ୍ତର୍ଗତ ପାଇକକୁପାଖାଲ ଗ୍ରାମର ସୁରେନ୍ଦ୍ର ନାଏକ ନାମକ ଜଣେ ଯୁବକ ୧୦ବର୍ଷ ହେବ ନିଖୋଜ ଅଛନ୍ତି । ପରିବାର ଲୋକେ ବାରମ୍ବାର ପୋଲିସର ଦ୍ୱାରସ୍ଥ ହୋଇଛନ୍ତି । ହେଲେ ପୋଲିସ ଖୋଜି ବାହାର କରିବାରେ ସଫଳ ହୋଇନାହିଁ। ଏହାର ପ୍ରତିବାଦରେ ଶୁକ୍ରବାର ପରିବାର ଲୋକଙ୍କ ସହ ଆଦିବାସୀ ସମାଜ ସେବା ସଂଘ, ଜିଲା ଆଦିବାସୀ ମହାସଂଘ ଓ ଜିଲା କଂଗ୍ରେସ ଆଦିବାସୀ ସେଲ୍ ପକ୍ଷରୁ ଏକ ରାଲି ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା । ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ତୁରନ୍ତ ସୁରେନ୍ଦ୍ରଙ୍କୁ ଖୋଜି ବାହାର କରିବା ନିମନ୍ତେ ଦାବି କରାଯାଇଛି। ପରେ ଅତିରିକ୍ତ ଜିଲାପାଳ ସୁଧାକର ଶବର ଏବଂ ଏସ୍‌ପି ରାହୁଲ ପିଆର୍ ଏକ ଦାବିପତ୍ର ପ୍ରଦାନ କରିଥିଲେ ।





ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ବିର୍ଲା ଗ୍ରୁପ୍‌ର ଯୁଗ୍ମ ସଭାପତି ଅର୍ଦ୍ଧେନ୍ଦୁ ମହାପାତ୍ରଙ୍କ ଘରେ କାମ କରିବା ପାଇଁ ୨୦୦୮ରେ ସୁରେନ୍ଦ୍ରଙ୍କୁ ନିଆଯାଇଥିଲା । ତାଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ସେ କାମରେ ନିୟୋଜିତ ହୋଇଥିଲେ । ତେବେ ସୁରେନ୍ଦ୍ର ଯିବା ପରଠାରୁ ଆଉ ଘରକୁ ଫେରି ଆସି ନାହାଁନ୍ତି । ବାରମ୍ବାର ଏ ସମ୍ପର୍କରେ ପରିବାରବର୍ଗ ମହାପାତ୍ରଙ୍କୁ ଯୋଗାଯୋଗ କରିଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା । ଏନେଇ ସୁରେନ୍ଦ୍ରଙ୍କ ପରିବାର ପକ୍ଷରୁ କାଶୀପୁର ଥାନାରେ ଅଭିଯୋଗ କରାଯାଇଥିଲା । ଅଭିଯୋଗ ପରେ ମଧ ପୋଲିସ କୌଣସି ପ୍ରକାର ତନାଘନା ନ କରି ନିରବଦ୍ରଷ୍ଟା ସାଜିଥିବା ପରିବାର ଲୋକେ କହିଛନ୍ତି । ସୁରେନ୍ଦ୍ରଙ୍କୁ ହତ୍ୟା କରାଯାଇଥିବା ପରିବାରବର୍ଗ ସନ୍ଦେହ କରୁଛନ୍ତି । ଏହି ବିକ୍ଷୋଭରେ ଜିଲା କଂଗ୍ରେସ କମିଟି ସଭାପତି ଦୁର୍ଗାପ୍ରସାଦ ପଣ୍ଡା, ପିସିସି ସମ୍ପାଦକ ତଥା ଜିଲା ଆଦିବାସୀ ମହାସଂଘ ସଭାପତି ଆପ୍ପୁଲସ୍ୱାମୀ କାଡ୍ରାକା, କଂଗ୍ରେସ ନେତା ମକରନ୍ଦ ମୁଦୁଲି, ଆଦିବାସୀ ସମାଜ ସେବା ସଂଘ ସଭାପତି ରାଓ୍ୱଲା ମାଝି, ସମ୍ପାଦକ ଦୋରା କଣ୍ଡାଗରୀ ପ୍ରମୁଖ ନେତୃତ୍ୱ ନେଇଥିଲେ ।





**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** — **ଦଖଲ ନୋଟିସ୍**

କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ, କ୍ଷେତ୍ର-୨, ମଧୁପାଟଣା, ଲିଙ୍କ୍ ରୋଡ୍, କଟକ-୭୫୩୦୧୦ (ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟଗୁଡିକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା(ମାନେ) ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡିକ ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ନୂଆପାଟଣା ଶାଖା / ଆକାଉଣ୍ଟର ନାମ / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ଜାମିନଦାରଙ୍କ ନାମ ଓ ଠିକଣା/ ସମ୍ପତ୍ତିର ମାଲିକ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତା: ଶ୍ରୀନିବାସ ଧଳ, ପିତା: ୪ ଲିଙ୍ଗରାଜ ବିକ୍ରମସିଂହ, ସା/ପୋ: ଖୁଣ୍ଟକଟା, ଭାୟା: ବଡ଼ମ୍ବା, ଜିଲ୍ଲା: କଟକ | ଜାମିନ୍‌ଦାର: ଶ୍ରୀ ମନୋଜ କୁମାର ବିକ୍ରମସିଂହ, ପିତା: ଶ୍ରୀନିବାସ ଧଳ, ସା/ପୋ: ଖୁଣ୍ଟକଟା, ଭାୟା: ବଡ଼ମ୍ବା, ଜିଲ୍ଲା: କଟକ / ସମ୍ପତ୍ତିର ମାଲିକ: ଶ୍ରୀନିବାସ ଧଳ | ଶ୍ରୀନିବାସ ଧଳଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଖୁଣ୍ଟକଟା, ଖାତା ନଂ.: ୭୯୭, ପ୍ଲଟ୍ ନଂ.: ୧୫୦୬/୫୬୩୧, ୧୫୦୬/୫୬୩୬ ଏବଂ ୧୫୦୬/୫୬୩୩, ଯଥାକ୍ରମେ କ୍ଷେତ୍ର: ଏକର୦.୦୩ଡିସିମିଲି, ଏକର୦.୦୨ଡିସିମିଲି ଏବଂ ଏକର୦.୦୨ଡିସିମିଲି, କିସମ: ଘରବାରୀ । | ୧୧.୦୯.୨୦୧୮ | ୧୭.୧୨.୨୦୧୮ | ୨୬.୦୭.୨୦୧୮ ସୁଦ୍ଧା ଟ.୫,୬୨,୯୦୬/- + ସୁଧ ଏବଂ ସେବାବଦ ଖର୍ଚ୍ଚ |

ତାରିଖ: ୨୦.୧୨.୨୦୧୮, ସ୍ଥାନ: କଟକ

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

■ ହାଇକୋର୍ଟର ସ୍ଥାୟୀବେଞ୍ଚ ପ୍ରତିଷ୍ଠା ଦାବି

# ୨୮ ଯାଏ ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଗୁଣପୁର,୨୧।୧୨(ଡି.ଏନ.ଏ):** ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ମଙ୍ଗଳବାର ଓକିଲଙ୍କ ପକ୍ଷରୁ ବନ୍ଦ ପାଳନ ହୋଇଥିଲା । ଅବିଭକ୍ତ କୋରାପୁଟ ଜିଲା ବନ୍ଦ ଦ୍ୱାରା ପ୍ରଭାବିତ ହୋଇଥିଲା । ବନ୍ଦ ପାଳନ ପରେ ମଧ୍ୟ ଆନ୍ଦୋଳନ ଚାଲୁ ରଖିବାକୁ ଓକିଲମାନେ ନିଷ୍ପତ୍ତି ନେଇଛନ୍ତି । ଏହିକ୍ରମରେ ଓକିଲମାନେ ୨୮ ତାରିଖ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରଖିବେ ବୋଲି ସ୍ଥିର କରିଛନ୍ତି । ଗୁରୁବାର ଅବିଭକ୍ତ କୋରାପୁଟ ଜିଲାର ଓକିଲମାନଙ୍କ ସମାବେଶ ଜୟପୁରଠାରେ ହୋଇଥିଲା । ସେହି ବୈଠକ ନିଷ୍ପତ୍ତି ମୁତାବକ ଓକିଲମାନେ ଆନ୍ଦୋଳନ ଚାଲୁ ରଖିବାକୁ ନିଷ୍ପତ୍ତି ନେଇଥିଲେ । ଏହିକ୍ରମରେ ଗୁଣପୁର ଓକିଲ ସଂଘର ଏକ ଜରୁରୀ ବୈଠକ ଶୁକ୍ରବାର ଅଧ୍ୟକ୍ଷ ବ୍ରହ୍ମାନନ୍ଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ହୋଇଥିଲା । ବୈଠକର ନିଷ୍ପତ୍ତି ମୁତାବକ ୨୮ ତାରିଖ ପର୍ଯ୍ୟନ୍ତ ଓକିଲମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି ।

